ହରିୟାଣା ରାଜ୍ୟ ଓ ଅନ୍ୟାନ୍ୟ

ବନାମ

ଦେବୀ ଦତ୍ତ ଓ ଅନ୍ୟାନ୍ୟ

ନଭେମ୍ବର 24, 2006

*[ଏସ୍. ବି. ସିହ୍ନା ଏବଂ ମାର୍କଣ୍ଡେୟ କାଟଜୁ ନ୍ୟାୟାଧିଶଦ୍ୱୟ]*

*ଭାରତ ସମ୍ବିଧାନ, 1950 :*

*ଅନୁଚ୍ଛେଦ 226- ଶ୍ରମ ନ୍ୟାୟାଳୟଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ତଥ୍ୟର ସିଦ୍ଧାନ୍ତ – ଏହାର ନ୍ୟାୟିକ ସମୀକ୍ଷା - ଆଇନଗତ ନୀତି - ପୁନରାବୃତ୍ତି - ତଥ୍ୟ ଉପରେ, କୌଣସି ହସ୍ତକ୍ଷେପ ଆବଶ୍ୟକ ନାହିଁ - ଅଧିକନ୍ତୁ, ଉଚ୍ଚ ନ୍ୟାୟାଳୟ ଏଥିପାଇଁ ଯୁକ୍ତିଯୁକ୍ତ କାରଣ ନ ଦର୍ଶାଇ ଅତିରିକ୍ତ ସତ୍ୟପାଠ ଗ୍ରହଣ କରିବା ଉଚିତ୍ ନୁହେଁ - ଅଭ୍ୟାସ ଏବଂ ପଦ୍ଧତି - ଶ୍ରମ ଆଇନ ।*

*ଶ୍ରମ ଆଇନ :*

*ଶିଳ୍ପ ବିବାଦ ଅଧିନିୟମ 1947 :*

*ଧାରା 25-F ଏବଂ 25-G - ଦୈନିକ ମଜୁରିଆ - ସେବା ସମାପ୍ତ କରିବା - ଶ୍ରମ ନ୍ୟାୟାଳୟଙ୍କ ଦ୍ୱାରା ଦର୍ଶାଯାଇଛି ଯେ କର୍ମଚାରୀମାନେ ଚାକିରିରୁ କାର୍ଯ୍ୟାନ୍ତର ଆଦେଶ ପୂର୍ବରୁ 12 ମାସ ପାଇଁ 240 ଦିନ ପାଇଁ ନିରନ୍ତର ସେବାରେ ନଥିଲେ - ଧାରା 25-F ଏବଂ 25-G ର ବ୍ୟବସ୍ଥା, ଉଲ୍ଲଂଘନ କରାଯାଇ ନାହିଁ - ଆଜ୍ଞାଦେଶ ଆବେଦନରେ ଉଚ୍ଚ ନ୍ୟାୟାଳୟ ଅଧିନିର୍ଣ୍ଣୟକୁ ବାତିଲ କରିଛନ୍ତି - ନିର୍ଣ୍ଣୟ ହେଲା ଯେ, ଶ୍ରମ ନ୍ୟାୟାଳୟଙ୍କ ଦ୍ୱାରା ପହଞ୍ଚିଥିବା ତଥ୍ୟର ସିଦ୍ଧାନ୍ତରେ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିବା ଉଚିତ୍ ନଥିଲା - ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବାତିଲ୍ କରାଯାଇଛି - ଭାରତ ସମ୍ବିଧାନ - ଅନୁଚ୍ଛେଦ 226 ।*

**ଆବେଦନକାରୀ-ରାଜ୍ୟ ସରକାର, ଉଚ୍ଚ ନ୍ୟାୟାଳୟଙ୍କ ଏକ ରାୟ ଅନୁଯାୟୀ ଦିନ ମଜୁରିଆଙ୍କ ନିୟମିତକରଣ ପାଇଁ ନିୟମ ଏବଂ ସର୍ତ୍ତାବଳୀ ଧାର୍ଯ୍ୟ କରିଥିଲେ, ଯାହାର ଫଳସ୍ୱରୂପ ଉତ୍ତରଦାତାମାନଙ୍କ ସେବା ସମାପ୍ତ ହୋଇଯାଇଥିଲା । ଉଠାଯାଇଥିବା ଶିଳ୍ପ ବିବାଦ ଉପରେ, ଶ୍ରମ ନ୍ୟାୟାଳୟ ନିର୍ଣ୍ଣୟ ନେଇଥିଲେ ଯେ କାର୍ଯ୍ୟାନ୍ତର**

ଆଦେଶ ପୂର୍ବରୁ **12** ମାସ ମଧ୍ୟରେ **240** ଦିନ ଧରି ନିରନ୍ତର ସେବାରେ ନ ଥିବା ଶ୍ରମିକମାନେ, ଧାରା **25-F** ଏବଂ **25-G** ର ବ୍ୟବସ୍ଥା ଉଲ୍ଲଂଘନ ହୋଇନଥିଲା । ଉକ୍ତ ଉତ୍ତରଦାତାଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା, ଯେଉଁଥିରେ ଅତିରିକ୍ତ ସତ୍ୟପାଠ ମଧ୍ୟ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଲେ ଯେ ଆବେଦନକାରୀମାନେ ଫେବୃଆରୀ **1993** ରୁ ଜାନୁଆରୀ **1996** ପର୍ଯ୍ୟନ୍ତ ଦୈନିକ ମଜୁରୀରେ ଶ୍ରମିକମାନଙ୍କୁ ନିୟୋଜିତ କରାଯାଇଥିବା ବିଷୟରେ ବିବାଦ ନକରିବାରୁ, ଆକ୍ଷେପିତ ଅଧିନିର୍ଣ୍ଣୟଗୁଡ଼ିକୁ ବଜାୟ ରଖାଯାଇପାରିବ ନାହିଁ; ଏବଂ ପ୍ରସଙ୍ଗକୁ ଶ୍ରମ ନ୍ୟାୟାଳୟକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ରାଜ୍ୟ ସରକାର ବର୍ତ୍ତମାନର ଆବେଦନ ଦାଖଲ କରିଥିଲେ ।

ଆବେଦନକୁ ଅନୁମତି ଦେଇ, ନ୍ୟାୟାଳୟ

ନିର୍ଣ୍ଣୟ ନେଲେ ଯେ :**1.**ଉକ୍ତ ଆକ୍ଷେପିତ ରାୟଗୁଡ଼ିକ ଜାରି କରି ଉଚ୍ଚ ନ୍ୟାୟାଳୟ ତ୍ରୁଟି କରିଥିଲେ ଏବଂ ନିଜ କ୍ଷେତ୍ରାଧିକାର ଲଙ୍ଘନ କରିଥିଲେ । ନ୍ୟାୟିକ ସମୀକ୍ଷାର ସୁପରିଚିତ ଆଇନଗତ ନୀତିଗୁଡ଼ିକୁ ଲାଗୁ କରିବାରେ ଏହା ବିଫଳ ହୋଇଥିଲା । ଶ୍ରମ ନ୍ୟାୟାଳୟ, ଏହା ସମ୍ମୁଖରେ ଉପସ୍ଥାପିତ ପ୍ରସଙ୍ଗ ଆଧାରରେ, ଏକ ନିର୍ଦ୍ଦିଷ୍ଟ ଉପସଂହାରରେ ପହଞ୍ଚିଥିଲେ ଯେ ଏଠାରେ ଉତ୍ତରଦାତାମାନେ କାର୍ଯ୍ୟାନ୍ତର ହେବାର **12** ମାସ ମଧ୍ୟରେ **240** ଅବଧି ପାଇଁ କ୍ରମାଗତ ଭାବେ ସେବାରେ ନଥିଲେ ଏବଂ କାର୍ଯ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା ।
ଏହା ତଥ୍ୟ ଭାବେ ଜଣାପଡ଼ିଥିଲା ଯେ କୌଣସି କନିଷ୍ଠଙ୍କୁ ରଖାଯାଇ ନଥିଲା । ଅଧିକନ୍ତୁ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ଆବେଦନକାରୀମାନେ ଯଥାର୍ଥ କାର୍ଯ୍ୟ କରିଥିଲେ । ନୀତିଗତ ନିଷ୍ପତ୍ତି ଅନୁଯାୟୀ ସମାପନ ଆଦେଶ ଜାରି କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ସାଧାରଣତଃ, ନ୍ୟାୟିକ ସମୀକ୍ଷାର ସୁପରିଚିତ ଆଇନଗତ ନୀତି ଅନୁଯାୟୀ, ଶ୍ରମ ନ୍ୟାୟାଳୟର ସିଦ୍ଧାନ୍ତରେ ହସ୍ତକ୍ଷେପ କରିବା ଆବଶ୍ୟକ କି ନାହିଁ ତାହା ନ ବୁଝି, ତାହାକୁ ତର୍ଜମା ନକରି, ଉକ୍ତ ତଥ୍ୟଗତ ସିଦ୍ଧାନ୍ତ ରେ ହସ୍ତକ୍ଷେପ କରିବା ଉଚିତ୍ ନଥିଲା । କୁଳଭୂଷଣ ବନାମ ହରିୟାଣା ରାଜ୍ୟ, **(1996) 1 RSJ 775,** ଉଲ୍ଲେଖ କରାଯାଇଥିଲା ।

**2.** ଉଚ୍ଚ ନ୍ୟାୟାଳୟ ମଧ୍ୟ କୌଣସି ପର୍ଯ୍ୟାପ୍ତ କିମ୍ବା ଯୁକ୍ତିଯୁକ୍ତ କାରଣ ନ ଦର୍ଶାଇ ଅତିରିକ୍ତ ସତ୍ୟପାଠ ଗ୍ରହଣ କରିବା ଉଚିତ୍ ନୁହେଁ । ପକ୍ଷମାନେ ଶିଳ୍ପ ନ୍ୟାୟାଳୟ ସମ୍ମୁଖରେ ସେମାନଙ୍କ ପ୍ରମାଣ ଉପସ୍ଥାପନ କରିଥିଲେ । ସେମାନେ କାହିଁକି ଶ୍ରମ ନ୍ୟାୟାଳୟ ସମ୍ମୁଖରେ ଅନ୍ୟ କୌଣସି

**ପ୍ରମାଣ ଉପସ୍ଥାପନ କରିପାରିଲେ ନାହିଁ, ତାହା ବ୍ୟାଖ୍ୟା କରାଯାଇ ନଥିଲା । ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଦାଖଲ ହୋଇଥିବା ଅତିରିକ୍ତ ସତ୍ୟପାଠରେ ପ୍ରଥମ ଥର ପାଇଁ ଉପସ୍ଥାପିତ ହୋଇଥିବା ଯେଉଁ ବିବାଦଗୁଡ଼ିକ ଉଠିଥିଲା, ତାହାକୁ ମଧ୍ୟ ଏଠାରେ ଆବେଦନକାରୀଙ୍କ ଦ୍ୱାରା ସ୍ୱୀକାର କରାଯାଇନଥିଲା । ତେଣୁ, ଆକ୍ଷେପିତ ରାୟଗୁଡ଼ିକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହାକୁ ବାତିଲ କରାଯାଇଛି ।[517- E- F; 518- B]**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 5184/2006 ।

ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 24.2.2004 ତାରିଖର ସି.ଡବ୍ଲୁ.ପି. ସଂଖ୍ୟା 6135,6137 ଏବଂ 6136/2002ରେ ଦିଆଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ ଅଜୟ ସିୱାଚ୍ ଏବଂ ଟି.ଭି. ଜର୍ଜ ।

ଉତ୍ତରଦାତାଙ୍କ ପାଇଁ ହରିଶ ଚନ୍ଦ୍ର ଏବଂ ଗୁଡୱିଲ ଇନ୍ଦିବର ।

ନ୍ୟାୟାଳୟଙ୍କ ଦ୍ୱାରା ରାୟ ପ୍ରଦାନ କରାଗଲା

**ନ୍ୟାୟାଧୀଶ ଏସ୍.ବି. ସିହ୍ନା**, ଅନୁମତି ମଞ୍ଜୁର କରାଗଲା ।

ଏଠାରେ ଉତ୍ତରଦାତାମାନଙ୍କୁ ଦୈନିକ ମଜୁରୀରେ ନିଯୁକ୍ତି ଦିଆଯାଇଥିଲା । ସେମାନେ ହାଜିରୀ ନାମାବଳି କର୍ମଚାରୀ ଥିଲେ । କୁଳଭୂଷଣ ବନାମ ହରିୟାଣା ରାଜ୍ୟ [1996] 1 RSJ 775 ରେ ଉଚ୍ଚ ନ୍ୟାୟାଳୟଙ୍କ ଏକ ନିଷ୍ପତ୍ତି ଅନୁଯାୟୀ, ଦୈନିକ ମଜୁରିଆଙ୍କ ନିଯୁକ୍ତିକୁ ନିଷିଦ୍ଧ କରାଯାଇଥିଲା, ଯେଉଁଥିରେ ରାଜ୍ୟ 9.1.1996 ରେ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶନାମା ଜାରି କରିଥିଲା, ଯେଉଁଥିରେ ଦୈନିକ ମଜୁରିଆଙ୍କୁ ହାଜିରୀ ନାମାବଳୀରେ ରଖିବାପାଇଁ ନିଷେଧ କରାଯାଇଥିଲା । ଏହି କାର୍ଯ୍ୟକୁ ଶ୍ରମିକମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯେଉଁମାନଙ୍କ ସେବାକୁ ନିର୍ଦ୍ଧାରିତ ନୀତିର ନିୟମ ଏବଂ ସର୍ତ୍ତ ପୂରଣ କରିବା ପରେ ନିୟମିତ କରାଯିବାର ଥିଲା । ଉକ୍ତ ନୀତିଗତ ନିଷ୍ପତ୍ତି ଅନୁଯାୟୀ, ଉତ୍ତରଦାତାଙ୍କ ସେବା ସମାପ୍ତ କରି ଦିଆଯାଇଥିଲା ।**ଶିଳ୍ପ** ବିବାଦ ଅଧିନିୟମ 1947 ('ଅଧିନିୟମ')ର ବିଭିନ୍ନ ବ୍ୟବସ୍ଥାର ଉଲ୍ଲଙ୍ଘନ ଅଭିଯୋଗ କରି ଶିଳ୍ପ ବିବାଦଗୁଡ଼ିକ ଉଠାଯାଇଥିଲା । ଶ୍ରମ ନ୍ୟାୟାଳୟରେ ଉଭୟ ପକ୍ଷ ନିଜ ନିଜର ପ୍ରମାଣ ଉପସ୍ଥାପନ

କରିଥିଲେ । ତିନୋଟି ଭିନ୍ନ ଭିନ୍ନ ଅଧିନିର୍ଣ୍ଣୟ କାରଣରୁ, ଶ୍ରମ ନ୍ୟାୟାଳୟର ପୀଠାସୀନ ଅଧିକାରୀ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଶ୍ରମିକମାନେ କାର୍ଯ୍ୟାନ୍ତର ଆଦେଶର ପୂର୍ବବର୍ତ୍ତୀ 12 ମାସର ଅବଧି ମଧ୍ୟରେ 240 ଦିନର ଅବଧି ପାଇଁ ନିରନ୍ତର ସେବାରେ ନଥିଲେ, ଶ୍ରମିକମାନଙ୍କୁ ଛଟେଇ କରିବା ଅଧିନିୟମର ଧାରା 25F ର ଉଲ୍ଲଙ୍ଘନ ନଥିଲା । ଏହା ମଧ୍ୟ ନିର୍ଣ୍ଣୟ ନିଆଯାଇଥିଲା ଯେ ଏହାର ଧାରା 25Gର ବ୍ୟବସ୍ଥା ମଧ୍ୟ ଉଲ୍ଲଙ୍ଘନ ହୋଇନାହିଁ ।

ଏଥିରେ ଅସନ୍ତୁଷ୍ଟ ଏବଂ ବ୍ୟଥିତ ହୋଇଥିବା ଉତ୍ତରଦାତାଙ୍କ ଦ୍ୱାରା ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । ଉକ୍ତ କାର୍ଯ୍ୟଧାରାରେ ଅତିରିକ୍ତ ସତ୍ୟପାଠ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଶ୍ରମ ନ୍ୟାୟାଳୟର ପୀଠାସୀନ ଅଧିକାରୀଙ୍କ ଦ୍ୱାରା ଆଗତ ତଥ୍ୟର ସିଦ୍ଧାନ୍ତ କୁ ବଦଳାଇ ଦେଇଥିଲେ ଯେ ଆବେଦନକାରୀମାନେ ଫେବୃଆରୀ, 1993 ରୁ ଜାନୁଆରୀ, 1996ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ ଦୈନିକ ମଜୁରିଆ ଭାବରେ ନିୟୋଜିତ କରାଯାଇଥିବା କଥାକୁ ଅସ୍ୱୀକାର କିମ୍ବା ବିବାଦ କରି ନଥିଲେ, ତେଣୁ ଆକ୍ଷେପିତ ଅଧିନିର୍ଣ୍ଣୟଗୁଡ଼ିକୁ ବଜାୟ ରଖାଯାଇପାରିବ ନାହିଁ । ଏହି ପ୍ରସଙ୍ଗଗୁଡ଼ିକୁ ଶ୍ରମ ନ୍ୟାୟାଳୟକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ତେଣୁ, ଏହି ସ୍ଥିତି ଆମ ସମ୍ମୁଖରେ ଅଛି ।

ଆବେଦନକାରୀଙ୍କ ପାଇଁ ଉପସ୍ଥିତ ବିଜ୍ଞ ଅଧିବକ୍ତା ଶ୍ରୀ ଅଜୟ ସିୱାଚ ଉପସ୍ଥାପନ କରିବେ ଯେ ଶ୍ରମ ନ୍ୟାୟାଳୟଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟର ସିଦ୍ଧାନ୍ତକୁ ଖାରଜ କରିବାରେ ଉଚ୍ଚ ନ୍ୟାୟାଳୟ ଏକ ସ୍ପଷ୍ଟ ତ୍ରୁଟି କରିଥିଲେ ।

ଅନ୍ୟପକ୍ଷରେ, ଉତ୍ତରଦାତାଙ୍କ ପାଇଁ ଉପସ୍ଥିତ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ହରିଶ ଚନ୍ଦ୍ର ଉପସ୍ଥାପନ କରିବେ ଯେ ଶ୍ରମ ନ୍ୟାୟାଳୟ ନଥିରେ ଥିବା ପ୍ରସଙ୍ଗଗୁଡ଼ିକୁ ସେମାନଙ୍କ ଉପଯୁକ୍ତ ଦୃଷ୍ଟିକୋଣରୁ ବିଚାର ନକରିବାରୁ, ଉଚ୍ଚ ନ୍ୟାୟାଳୟ ଉକ୍ତ ସିଦ୍ଧାନ୍ତକୁ ଓଲଟାଇବାରେ କୌଣସି ତ୍ରୁଟି କରିଛନ୍ତି ବୋଲି କୁହାଯାଇପାରିବ ନାହିଁ । ଏହି ସମ୍ପର୍କରେ ପ୍ରତି ଶପଥପତ୍ରରେ ଦିଆଯାଇଥିବା ନିମ୍ନଲିଖିତ ବିବୃତି ପ୍ରତି ମଧ୍ୟ ଆମର ଦୃଷ୍ଟି ଆକର୍ଷିତ କରାଯାଇଥିଲା:

"........ ଯଦି ଫେବୃଆରୀ, 1995, ମାର୍ଚ୍ଚ, 1995 ଏବଂ ଜୁନ୍, 1995 ମାସର ହାଜିରୀ ନାମାବଳୀ ବିଚାରକୁ ନିଆଯାଏ, ତେବେ ଶ୍ରମିକଙ୍କ ଦ୍ୱାରା ପ୍ରତିଫଳିତ କାର୍ଯ୍ୟଦିବସ 21½, 30 ଏବଂ 24 ବିଚାରକୁ ନିଆଯାଏ, 75½ ଦିନର ଅବଧି ଯୋଡିବାକୁ ପଡିବ ଏବଂ 75½ ଦିନ ଯୋଡିବା ପରେ, ମୋଟ ଦିନ ସଂଖ୍ୟା 264½ ଦିନ ହୁଏ ଯାହା 240 ଦିନରୁ ଅଧିକ । ଉତ୍ତରଦାତା ଜଣକ 1996

ଜାନୁଆରୀରେ ମଧ୍ୟ 21 ଦିନ କାମ କରିଥିଲେ, ତେଣୁ ମୋଟ ଦିନ ସଂଖ୍ୟା 285½ ଦିନ ହୋଇଥାଏ ।"

ଶ୍ରମ ନ୍ୟାୟାଳୟର ପୀଠାସୀନ ଅଧିକାରୀଙ୍କ ସମ୍ମୁଖରେ ପକ୍ଷମାନେ ପ୍ରମାଣ ଉପସ୍ଥାପନ କରିଥିଲେ । ଶ୍ରମ ନ୍ୟାୟାଳୟ, ଏହା ସମ୍ମୁଖରେ ଉପସ୍ଥାପିତ ପ୍ରସଙ୍ଗ ଆଧାରରେ, ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ଏଠାରେ ଉତ୍ତରଦାତାମାନେ ସେବା ସମାପ୍ତ ହେବାର 12 ମାସ ପୂର୍ବରୁ 240 ଅବଧି ପାଇଁ କ୍ରମାଗତ ଭାବେ ସେବାରେ ନଥିଲେ ।

ଉକ୍ତ ତଥ୍ୟ ସମ୍ବନ୍ଧୀୟ ରାୟରେ ଉଚ୍ଚ ନ୍ୟାୟାଳୟ ସାଧାରଣତଃ ହସ୍ତକ୍ଷେପ କରିବା ଉଚିତ ନଥିଲା । ଯଦିଓ, ଆମେ ଏହା ସୂଚାଇବାକୁ ଚାହୁଁନାହୁଁ ଯେ ଭାରତର ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚତର ନ୍ୟାୟାଳୟଗୁଡ଼ିକ ସେମାନଙ୍କର କ୍ଷେତ୍ରାଧିକାର ପ୍ରୟୋଗ କରି ତଥ୍ୟର ସିଦ୍ଧାନ୍ତ ରେ ହସ୍ତକ୍ଷେପ କରିପାରିବେ ନାହିଁ, କିନ୍ତୁ ଏହା ସୁପରିଚିତ ଆଇନଗତ ନୀତି ପ୍ରୟୋଗ କରାଯିବା ଉଚିତ ଯେପରିକି:(1) ଯେତେବେଳେ ଏହା ବିଚ୍ୟୁତ ହୋଇଥାଏ; (2) ଯେତେବେଳେ ଭୁଲ ଆଇନଗତ ନୀତି ପ୍ରୟୋଗ କରାଯାଇଥାଏ; (3) ଯେତେବେଳେ ଭୁଲ ପ୍ରଶ୍ନ ଉଠାଯାଇଥାଏ; (4) ଯେତେବେଳେ ପ୍ରାସଙ୍ଗିକ ତଥ୍ୟଗୁଡ଼ିକୁ ବିଚାରକୁ ନିଆଯାଇନଥାଏ; କିମ୍ବା (5) ଅପ୍ରାସଙ୍ଗିକ ତଥ୍ୟ କିମ୍ବା ଅନାବଶ୍ୟକ ବିଚାର ଆଧାରରେ ସିଦ୍ଧାନ୍ତରେ ଉପନୀତ ହୋଇଥାଏ ।

ଉଚ୍ଚ ନ୍ୟାୟାଳୟ ସାଧାରଣତଃ କୌଣସି ଯଥେଷ୍ଟ କିମ୍ବା ଯୁକ୍ତିଯୁକ୍ତ କାରଣ ନ ଦର୍ଶାଇ ଅତିରିକ୍ତ ଶପଥପତ୍ରକୁ ମଧ୍ୟ ଗ୍ରହଣ କରିବା ଉଚିତ୍ ନୁହେଁ । ପକ୍ଷମାନେ ଶିଳ୍ପ ନ୍ୟାୟାଳୟ ସମ୍ମୁଖରେ ସେମାନଙ୍କର ପ୍ରମାଣ ଦାଖଲ କଲେ । ଶ୍ରମ ନ୍ୟାୟାଳୟରେ ସେମାନେ ଅନ୍ୟ କୌଣସି ପ୍ରମାଣ କାହିଁକି ଆଣିପାରିଲେ ନାହିଁ, ତାହା ବ୍ୟାଖ୍ୟା କରାଯାଇନଥିଲା । ଏହା ପୂର୍ବରୁ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଅତିରିକ୍ତ ସତ୍ୟପାଠରେ ପ୍ରଥମ ଥର ପାଇଁ ଯେଉଁ ବିବାଦଗୁଡ଼ିକ ଉଠିଥିଲା, ତାହାକୁ ମଧ୍ୟ ଏଠାରେ ଆବେଦନକାରୀମାନେ ସ୍ୱୀକାର କରିନଥିଲେ ।

ତେଣୁ, ଆମେ ମତ ଦେଉଛୁ ଯେ ଉକ୍ତ ଆକ୍ଷେପିତ ରାୟଗୁଡ଼ିକୁ ପାରିତ କରିବାରେ ଉଚ୍ଚ ନ୍ୟାୟାଳୟ ତ୍ରୁଟି କରିଥିଲେ । ଶ୍ରୀ ହରିଶ ଚନ୍ଦ୍ରଙ୍କ ଏହି ଉପସ୍ଥାପନ ଯେ ଏହି ନ୍ୟାୟାଳୟ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଏହାର ବିବେକାଧୀନ କ୍ଷେତ୍ରାଧିକାର ପ୍ରୟୋଗ କରିବା ଉଚିତ୍ ନୁହେଁ, ତାହା ଗ୍ରହଣ କରାଯାଇପାରିବ ନାହିଁ । ଆମ ମତରେ, ଉଚ୍ଚ ନ୍ୟାୟାଳୟ ତାଙ୍କ କ୍ଷେତ୍ରାଧିକାରକୁ ଅତିକ୍ରମ କରିଛନ୍ତି । ଏହା ନ୍ୟାୟିକ ସମୀକ୍ଷାର ସୁପରିଚିତ ଆଇନଗତ ନୀତିଗୁଡ଼ିକୁ ପ୍ରୟୋଗ କରିବାରେ ବିଫଳ ହୋଇଥିଲେ । ଅଧିକନ୍ତୁ, ଆବେଦନକାରୀମାନେ ଯଥାର୍ଥ କାର୍ଯ୍ୟ

କରିଥିଲେ । ଏହାର ନୀତିଗତ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟାନ୍ତର ଆଦେଶ ପାରିତ ହୋଇଥିଲା । ଶ୍ରମ ନ୍ୟାୟାଳୟର ପୀଠାସୀନ ଅଧିକାରୀ ସ୍ପଷ୍ଟ ଭାବରେ ମତ ଦେଇଥିଲେ ଯେ କାର୍ଯ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରମିକମାନଙ୍କୁ ଅନ୍ତର କରିଦିଆଯାଇଥିଲା, ଯାହା ହାଜିରୀ ନାମାବଳୀରେ ଉଲ୍ଲେଖ କରାଯାଇଥିଲା । ଏହା ବାସ୍ତବରେ ଜଣାପଡ଼ିଥିଲା ଯେ କୌଣସି କନିଷ୍ଠଙ୍କୁ ରଖାଯାଇ ନଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ମଧ୍ୟ ରାଜ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଏପରି ନିର୍ଦ୍ଦେଶଗୁଡ଼ିକ ବୈଧ କିମ୍ବା ଅବୈଧ ଥିଲା, ତାହା ଶ୍ରମ ନ୍ୟାୟାଳୟ ସମ୍ମୁଖରେ ବିଚାର ପାଇଁ ଆସିନଥିଲା, କିନ୍ତୁ, ଆବେଦନକାରୀମାନେ ଯଥାର୍ଥ କାର୍ଯ୍ୟ କରିଥିଲେ ଏଥିରେ କୌଣସି ସନ୍ଦେହ ରହିପାରିବ ନାହିଁ ।

ଉଲ୍ଲିଖିତ କାରଣଗୁଡ଼ିକ ପାଇଁ, ଆକ୍ଷେପିତ ରାୟଗୁଡ଼ିକ ବଜାୟ ରଖାଯାଇପାରିବ ନାହିଁ, ଯାହାକୁ ବାତିଲ୍ କରାଯାଇଛି । ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

R.P. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।